# ଓଡିଶା ସରକାର

## ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତିଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ

## ପୋଷ୍ଟ-ମାଟ୍ରିକ୍ ଛାତ୍ରବୃତ୍ତି ଆବେଦନ

### ମାଟ୍ରିକ ପରବର୍ତ୍ତୀ ଛାତ୍ରବୃତ୍ତି ପାଇବା ପାଇଁ ଯୋଗ୍ୟତା:

- ଆବେଦନକାରୀ ଯୋଗ୍ୟ ଅନୁସୂଚିତ ଜନଜାତି/ ଅନୁସୂଚିତ ଜାତି/ ଅନ୍ୟାନ୍ୟ ପଛୁଆ ବର୍ଗ / ସାମାଜିକ ଓ ଶିକ୍ଷା କ୍ଷେତ୍ରରେ ଅନଗ୍ରସର ବର୍ଗ/ ଆର୍ଥିକ କ୍ଷେତ୍ରରେ ଅନଗ୍ରସର ବର୍ଗର ଛାତ୍ରଛାତ୍ରୀ ହୋଇଥିବା ଆବଶ୍ୟକ ଏବଂ ସେମାନେ ଓଡିଶାର ସ୍ଥାୟୀ ବାସିନ୍ଦା ହୋଇଥିବେ ।
- ସେ ସରକାରୀ/ ସରକାରୀ ସ୍ୱୀକୃତି ପ୍ରାପ୍ତଶିକ୍ଷାନୁଷ୍ଠାନରେ General/Technical/Professional ଉଚ୍ଚଶିକ୍ଷା ପାଠ୍ୟକ୍ରମରେ ଅଧ୍ୟୟନ କରୁଥିବେ ।
- ସମସ୍ତ ସୂତ୍ରରୁ ପରିବାରର ବାର୍ଷିକ ଆୟ ଟ ୨,୫୦,୦୦୦ /- (ଦୁଇ ଲକ୍ଷ ପଚାଶ ହଜାର ) ରୁ ଅଧିକ ହୋଇନଥିବ ।
- ଅନ୍ୟାନ୍ୟ ପଛୁଆ ବର୍ଗ / ସାମାଜିକ ଓ ଶିକ୍ଷା କ୍ଷେତ୍ରରେ ଅନଗ୍ରସର ବର୍ଗ/ ଆର୍ଥିକ କ୍ଷେତ୍ରରେ ଅନଗ୍ରସର ବର୍ଗର ଛାତ୍ରଛାତ୍ରୀମାନେ ପୂର୍ବ ପରୀକ୍ଷାରେ ଅତି କମରେ ୫୦% ଭାଗ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବେ।
- ରାଜ୍ୟ ବାହାରେ କେବଳ ସରକାରୀ ଶିକ୍ଷାନୁଷ୍ଠାନରେ ଅଧ୍ୟୟନ କରୁଥିବା ଓଡ଼ିଶାର ବାସିନ୍ଦା ଛାତ୍ରବୃତି ପାଇଁ ଯୋଗ୍ୟ ହେବେ।

**ନୂତନ ପଞ୍ଜୀକରଣ ଏବଂ ନୂତନ ପାଠ୍ୟକ୍ରମରେ ନବୀକରଣ କରିବାର ସମୟ ସାରଣୀ**

| କ୍ର.ନଂ | କାର୍ଯ୍ୟ କ୍ରମ | ତାରିଖ |
|---|---|---|
| ୧ | ଦରଖାସ୍ତ ଆବେଦନ ନିମନ୍ତେ ପୋର୍ଟାଲର ଖୋଲିବା ତାରିଖ | ୨୬.୦୯.୨୦୨୫ |
| ୨ | ଦରଖାସ୍ତ ଆବେଦନ କରିବା ନିମନ୍ତେ ଶେଷ ତାରିଖ | ୩୦.୧୧.୨୦୨୫ |
| ୩ | ଦରଖାସ୍ତଗୁଡିକ ଅନୁଷ୍ଠାନଦ୍ୱାରା ଯାଞ୍ଚ ଏବଂ ସମ୍ପୃକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଙ୍କୁ online ପ୍ରେରଣ କରିବାର ଶେଷ ତାରିଖ | ୧୫.୧୨.୨୦୨୫ |
| ୪ | ସମ୍ପୃକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀମାନଙ୍କ ଦ୍ୱାରା ଦରଖାସ୍ତଗୁଡିକର online ମଞ୍ଜୁରୀ କରିବାର ଶେଷ ତାରିଖ | ୩୧.୦୧.୨୦୨୬ |

ପଞ୍ଜିକରଣ ଏବଂ ନବୀକରଣ http://www.scholarship.odisha.gov.in. URL ରେ କରିବେ

# ଓଡ଼ିଶା ସରକାର
## ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ବିଭାଗ

# ପୋଷ୍ଟ-ମାଟ୍ରିକ୍ ଛାତ୍ରବୃତ୍ତି ଆବେଦନ

No.V-0୪:ଯୋଗ୍ୟ ଅନୁସୂଚିତ ଜନଜାତି/ଅନୁସୂଚିତ ଜାତି/ଅନ୍ୟାନ୍ୟ ପଛୁଆ ବର୍ଗ/ ସାମାଜିକ ଓ ଶିକ୍ଷା କ୍ଷେତ୍ରରେ ଅନଗ୍ରସର ବର୍ଗ/ ଆର୍ଥିକ କ୍ଷେତ୍ରରେ ଅନଗ୍ରସର ବର୍ଗର ଛାତ୍ରଛାତ୍ରୀମାନେ ୨୦୨୫-୨୬ ବର୍ଷ ପାଇଁ ନୂତନ ପାଠ୍ୟକ୍ରମ ନିମନ୍ତେ ପଞ୍ଜୀକରଣ ଏବଂ ନବୀକରଣ http://www.scholarship.odisha.gov.in URL ରେ କରିବେ ।

ମାଟ୍ରିକ ପରବର୍ତ୍ତୀ ଛାତ୍ରବୃତ୍ତି ପାଇବା ପାଇଁ ଯୋଗ୍ୟତା:

- ଆବେଦନକାରୀ ଯୋଗ୍ୟ ଅନୁସୂଚିତ ଜନଜାତି/ଅନୁସୂଚିତ ଜାତି/ଅନ୍ୟାନ୍ୟ ପଛୁଆ ବର୍ଗ/ସାମାଜିକ ଓ ଶିକ୍ଷା କ୍ଷେତ୍ରରେ ଅନଗ୍ରସର ବର୍ଗ/ଆର୍ଥିକ କ୍ଷେତ୍ରରେ ଅନଗ୍ରସର ବର୍ଗର ଛାତ୍ରଛାତ୍ରୀ ହୋଇଥିବା ଆବଶ୍ୟକ ଏବଂ ସେମାନେ ଓଡ଼ିଶାର ସ୍ଥାୟୀ ବାସିନ୍ଦା ହୋଇଥିବେ ।
- ସେ ସରକାରୀ/ସରକାରୀ ସ୍ୱୀକୃତିପ୍ରାପ୍ତ ଶିକ୍ଷାନୁଷ୍ଠାନରେ General/Technical/Professional ଉଚ୍ଚଶିକ୍ଷା ପାଠ୍ୟକ୍ରମରେ ଅଧ୍ୟୟନ କରୁଥିବେ ।
- ସମସ୍ତ ସୂତ୍ରରୁ ପରିବାରର ବାର୍ଷିକ ଆୟ ଟ.୨,୫୦,୦୦୦/- (ଦୁଇ ଲକ୍ଷ ପଚାଶ ହଜାର) ରୁ ଅଧିକ ହୋଇନଥିବ ।
- ଅନ୍ୟାନ୍ୟ ପଛୁଆବର୍ଗ/ସାମାଜିକ ଓ ଶିକ୍ଷା କ୍ଷେତ୍ରରେ ଅନଗ୍ରସର ବର୍ଗ/ ଆର୍ଥିକ କ୍ଷେତ୍ରରେ ଅନଗ୍ରସର ବର୍ଗର ଛାତ୍ରଛାତ୍ରୀମାନେ ପୂର୍ବ ପରୀକ୍ଷାରେ ଅତିକମ୍‌ରେ ୫୦% ଭାଗ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବେ ।
- ରାଜ୍ୟ ବାହାରେ କେବଳ ସରକାରୀ ଶିକ୍ଷାନୁଷ୍ଠାନରେ ଅଧ୍ୟୟନ କରୁଥିବା ଓଡ଼ିଶାର ବାସିନ୍ଦା ଛାତ୍ରବୃତ୍ତି ପାଇଁ ଯୋଗ୍ୟ ହେବେ ।

**ନୂତନ ପଞ୍ଜୀକରଣ ଏବଂ ନୂତନ ପାଠ୍ୟକ୍ରମରେ ନବୀକରଣ କରିବାର ସମୟ ସାରଣୀ**

| କ୍ର.ନଂ. | କାର୍ଯ୍ୟକ୍ରମ | ତାରିଖ |
|---|---|---|
| ୧ | ଦରଖାସ୍ତ ଆବେଦନ ନିମନ୍ତେ ପୋର୍ଟାଲର ଖୋଲିବା ତାରିଖ | ୨୬.୦୯.୨୦୨୫ |
| ୨ | ଦରଖାସ୍ତ ଆବେଦନ କରିବା ନିମନ୍ତେ ଶେଷ ତାରିଖ | ୩୦.୧୧.୨୦୨୫ |
| ୩ | ଦରଖାସ୍ତଗୁଡିକ ଅନୁଷ୍ଠାନ ଦ୍ୱାରା ଯାଞ୍ଚ ଏବଂ ସମ୍ପୃକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କୁ online ପ୍ରେରଣ କରିବାର ଶେଷ ତାରିଖ | ୧୫.୧୨.୨୦୨୫ |
| ୪ | ସମ୍ପୃକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀମାନଙ୍କ ଦ୍ୱାରା ଦରଖାସ୍ତଗୁଡିକର online ମଞ୍ଜୁରୀ କରିବାର ଶେଷ ତାରିଖ | ୩୧.୦୧.୨୦୨୬ |

**ଛାତ୍ରଛାତ୍ରୀମାନଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶାବଳୀ:**

1. ଛାତ୍ରଛାତ୍ରୀମାନେ ପଞ୍ଜୀକରଣର ସମ୍ପୂର୍ଣ୍ଣ ପ୍ରକ୍ରିୟା ODISHA STATE SCHOLARSHIP PORTAL (OSSP) ରେ "HOW TO APPLY" ବିଭାଗରେ ଜାଣିପାରିବେ ।
2. OTP ମାଧ୍ୟମରେ ଆଧାର ପ୍ରାମାଣିକରଣ ହୋଇ ID ସୃଷ୍ଟି ହେବ, ତେଣୁ ଛାତ୍ରଛାତ୍ରୀମାନେ OTP ପାଇବା ପାଇଁ ସେମାନଙ୍କ ଆଧାର ନିଜର ସକ୍ରିୟ ଥିବା ମୋବାଇଲ ନମ୍ବର ସହିତ ସଂଯୁକ୍ତ ହୋଇଥିବା ଆବଶ୍ୟକ ।
3. ଭାରତ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ, ସମସ୍ତ ଯୋଗ୍ୟ ଛାତ୍ରଛାତ୍ରୀମାନଙ୍କୁ ୨୦୨୫-୨୬ ବର୍ଷରୁ "ଓଡ଼ିଶା ରାଜ୍ୟ ଛାତ୍ରବୃତ୍ତି ପୋର୍ଟାଲ" (OSSP) ଅର୍ଥାତ୍ scholarship.odisha.gov.in ରେ ଅନଲାଇନ ଛାତ୍ରବୃତ୍ତି ଆବେଦନ କରିବା ପୂର୍ବରୁ NSP ଅର୍ଥାତ୍ scholarships.gov.in କୁ ଯାଇ ଏକକାଳୀନ ପଞ୍ଜୀକରଣ ନମ୍ବର (OTR) ସୃଷ୍ଟି କରିବା ବାଧ୍ୟତାମୂଳକ ଅଟେ । ଏହାର ସମ୍ପୂର୍ଣ୍ଣ ପ୍ରକ୍ରିୟା OSSPର ହୋମ୍ ପେଜ୍‌ରେ ପ୍ରଦାନ କରାଯାଇଛି ।
4. NSP ରୁ OTR ପାଇବା ପରେ OSSP ରେ ହିଁ ଛାତ୍ରବୃତ୍ତି ଆବେଦନ କରାଯିବ । ଛାତ୍ରଛାତ୍ରୀମାନଙ୍କୁ NSP ରେ କୌଣସି ଆବେଦନ ନକରିବାକୁ ପରାମର୍ଶ ଦିଆଯାଉଛି ।
5. ଛାତ୍ରବୃତ୍ତି ରାଶି କେବଳ ଆଧାର-ସଂଯୋଜିତ ବ୍ୟାଙ୍କ ଖାତାରେ ହିଁ ପ୍ରଦାନ କରାଯିବ । ତେଣୁ, ଆବେଦନକାରୀମାନେ ନିଶ୍ଚିତ କରିବେ ଯେ ସେମାନଙ୍କର ବ୍ୟାଙ୍କ ଆକାଉଣ୍ଟ ଆଧାର ନମ୍ବର ସହିତ ସଂଯୋଜିତ ହୋଇଛି । ଛାତ୍ରବୃତ୍ତିର ଏକ ଛୋଟ ଅଂଶ (top-up) ଆବେଦନକାରୀ ଦ୍ୱାରା ପ୍ରଦତ୍ତ ବ୍ୟାଙ୍କ-ଆକାଉଣ୍ଟରେ ପ୍ରଦାନ କରାଯିବ ।
6. ଛାତ୍ରଛାତ୍ରୀମାନଙ୍କୁ ଆବେଦନ ପତ୍ର ଏବଂ ଅନ୍ୟାନ୍ୟ ଆବଶ୍ୟକୀୟ କାଗଜପତ୍ର ଗୁଡିକର ହାର୍ଡକପି ଦାଖଲ ନକରିବାକୁ ପରାମର୍ଶ ଦିଆଯାଇଛି । ତେଣୁ ଆବେଦନକାରୀମାନଙ୍କୁ ଅନୁରୋଧ ସେମାନେ ଆୟ, ଜାତି, ମେଟ୍ରିକ, ବ୍ୟାଙ୍କ ଆକାଉଣ୍ଟ ଇତ୍ୟାଦି ସମ୍ବନ୍ଧୀୟ ତଥ୍ୟ ସତର୍କତାର ସହିତ ପୋର୍ଟାଲରେ ପୂରଣ କରିବେ ।
7. ୧ ଫେବୃଆରୀ, ୨୦୨୦ ପରେ ଜାରି ହୋଇଥିବା ଆୟ ଏବଂ ଜାତି ପ୍ରମାଣପତ୍ର ଇ-ଡିଷ୍ଟ୍ରିକ୍ଟ ପୋର୍ଟାଲ ମାଧ୍ୟମରେ ଯାଞ୍ଚ କରାଯିବ । ଛାତ୍ରଛାତ୍ରୀମାନେ ଅନଲାଇନ୍ ଆବେଦନରେ ଆୟ/ଜାତି ପ୍ରମାଣପତ୍ରର ରେଫରେନ୍ସ ନମ୍ବର (E-CAS/INC....) ଏବଂ token number ପ୍ରଦାନ କରିବେ । ଯେଉଁ ଛାତ୍ରଛାତ୍ରୀମାନେ ୧ ଫେବୃଆରୀ ୨୦୨୦ ପୂର୍ବରୁ ଜାତି ପ୍ରମାଣପତ୍ର ପାଇଛନ୍ତି ସେମାନେ ଅନଲାଇନ୍ ଆବେଦନରେ ଏହାକୁ ଅପଲୋଡ୍ କରିବେ ।
8. ନୂତନ ପଞ୍ଜୀକରଣ ଏବଂ ନୂତନ ପାଠ୍ୟକ୍ରମରେ ନବୀକରଣ ଆବେଦନରେ କେବଳ ଚଳିତ ବର୍ଷ ୨୦୨୫-୨୬ କିମ୍ବା ତା ପୂର୍ବ ଦୁଇ ବର୍ଷ ଅର୍ଥାତ୍ ୨୦୨୩-୨୪ ଏବଂ ୨୦୨୪-୨୫ ରେ ଜାରି କରାଯାଇଥିବା ଆୟ ପ୍ରମାଣପତ୍ର ହିଁ ଗ୍ରହଣ କରାଯିବ ।
9. ଛାତ୍ରଛାତ୍ରୀମାନେ ଶିକ୍ଷାଗତ ଯୋଗ୍ୟତା ହାସଲ କରିଥିବା ବିବରଣୀ ଏବଂ ପ୍ରମାଣପତ୍ର/ମାର୍କସିଟ୍ ସମ୍ପୃକ୍ତ ବିଭାଗରେ ପ୍ରଦାନ କରିବେ ।
10. ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦିଆଯାଉଛି ଯେ ସେମାନେ ସେମାନଙ୍କର ଡିଜିଲକର ବ୍ୟବହାର କରନ୍ତୁ ଏବଂ ସେଥିରେ ସମ୍ପୃକ୍ତ ବୋର୍ଡ/ବିଶ୍ୱବିଦ୍ୟାଳୟରୁ ମାର୍କ-ସିଟ୍/ସାର୍ଟିଫିକେଟ୍ ଭଳି ଶିକ୍ଷାଗତ ଡକ୍ୟୁମେଣ୍ଟ ରଖନ୍ତୁ । ଛାତ୍ରଛାତ୍ରୀମାନେ OSSPରେ ଡିଜିଲକର ସୁବିଧା ବ୍ୟବହାର କରି ସେମାନଙ୍କର ଛାତ୍ରବୃତ୍ତି ଆବେଦନରେ ଆବଶ୍ୟକ ଶିକ୍ଷାଗତ ଡକ୍ୟୁମେଣ୍ଟ ଆଣିପାରିବେ ।
11. ରାଜ୍ୟ ବାହାରେ ପଢୁଥିବା ଛାତ୍ରଛାତ୍ରୀମାନେ ନିର୍ଦ୍ଧାରିତ ଫର୍ମାଟରେ (ଫର୍ମ ଲଗଇନ୍ ପୃଷ୍ଠାରେ ପ୍ରଦାନ କରାଯାଇଛି) ଅନୁଷ୍ଠାନ ମୁଖ୍ୟ/କର୍ତ୍ତୃପକ୍ଷଙ୍କ ଦ୍ୱାରା ସିଲ୍ ଏବଂ ସ୍ୱାକ୍ଷର ହୋଇଥିବା institution declaration form ଅପଲୋଡ୍ କରିବେ ।
12. ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କର ID ଏବଂ Password ଗୋପନୀୟ ରଖିବାକୁ ଅନୁରୋଧ । ଯଦି ଆବେଦନକାରୀ ନିଜର ID କିମ୍ବା password ଅନ୍ୟକୁ ଜଣାଇଲେ କିମ୍ବା ହସ୍ତାନ୍ତର କଲେ, ଯଦି ବୃତ୍ତି ରାଶିରେ କୌଣସି ଭୁଲ ପଇଠ ହୁଏ ବା କୌଣସି ପ୍ରକାରର ଚଞ୍ଚକତା ହୁଏ ସେଥିପାଇଁ ସମ୍ପୃକ୍ତ ଆବେଦନକାରୀ ଦାୟୀ ରହିବେ ।

**ଶିକ୍ଷାନୁଷ୍ଠାନଗୁଡିକ ପାଇଁ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶାବଳୀ:**

1. ଅନୁଷ୍ଠାନର OSSP ପ୍ରୋଫାଇଲରେ ପ୍ରତ୍ୟେକ ପାଠ୍ୟକ୍ରମ ପାଇଁ ସମ୍ପୃକ୍ତ ସଂସ୍ଥା/ମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ସ୍ୱୀକୃତି ପ୍ରମାଣପତ୍ର ଏବଂ affiliation କପି ନିଶ୍ଚିତ ଭାବରେ ଅପଲୋଡ୍ କରିବେ ।
2. ଭାରତ ସରକାରଙ୍କ ସର୍ତ୍ତ ଅନୁଯାୟୀ, ସମସ୍ତ ଶିକ୍ଷାନୁଷ୍ଠାନ ଗୁଡିକର ପ୍ରଧାନ ଶିକ୍ଷକ/ଶିକ୍ଷୟିତ୍ରୀ (HoI) ଏବଂ ସ୍କଲାରସିପ୍ ନୋଡାଲ୍ ଅଫିସର (INO) ମାନେ ୨୦୨୪-୨୦୨୫ ରୁ ରାଜ୍ୟ ସ୍କଲାରସିପ୍ ପୋର୍ଟାଲରେ ବାୟୋମେଟ୍ରିକ୍ E-KYC ପ୍ରାମାଣୀକରଣ କରିବା ଅନିବାର୍ଯ୍ୟ ଅଟେ । ପୋର୍ଟାଲରେ ଯେଉଁ ଶିକ୍ଷାନୁଷ୍ଠାନମାନଙ୍କ ବାୟୋମେଟ୍ରିକ୍ E-KYC ପ୍ରମାଣୀକରଣ ହୋଇଛି, କେବଳ ସେମାନେ ହିଁ ଆବେଦନ ଗୁଡିକୁ ଆଗକୁ ପ୍ରକ୍ରିୟାକରଣ କରିପାରିବେ । ପୋର୍ଟାଲରେ ଶିକ୍ଷାନୁଷ୍ଠାନ ଗୁଡିକର ନିଜର ଲଗ-ଇନ୍ ପେଜରେ ବାୟୋମେଟ୍ରିକ୍ E-KYC ପ୍ରମାଣୀକରଣର ବ୍ୟବସ୍ଥା ରହିଛି ।
3. ଯେଉଁ ଅନୁଷ୍ଠାନର ପ୍ରଧାନଶିକ୍ଷକ/ଶିକ୍ଷୟିତ୍ରୀ (HoI) କିମ୍ବା/ଏବଂ ସ୍କଲାରସିପ୍ ନୋଡାଲ୍ ଅଫିସର (INO) ବଦଳି ହୋଇଛନ୍ତି, ସେଠାରେ ବର୍ତ୍ତମାନ HOI/INO ପଦବୀରେ ଥିବା ବ୍ୟକ୍ତିଙ୍କୁ OSSP ରେ ବାୟୋମେଟ୍ରିକ୍ E-KYC ପ୍ରାମାଣୀକରଣ ଏବଂ ସେମାନଙ୍କର ପ୍ରୋଫାଇଲ୍ ପୃଷ୍ଠାରେ ବିବରଣୀକୁ ବାଧ୍ୟତାମୂଳକ ଭାବରେ ଅପଡେଟ୍ କରିବେ ।
4. ଅନୁଷ୍ଠାନ/DWOମାନେ ଶେଷ ତାରିଖକୁ ଅପେକ୍ଷା ନକରି ପରବର୍ତ୍ତୀ ସ୍ତରକୁ ଆବେଦନ ପଠାଇବାକୁ ନିର୍ଦ୍ଦେଶ ଦିଆଯାଇଛି ।

OIPR-26001/11/0016/2526